୨୪ ଫେବୃଆରୀ, ୨୦୧୧,ଭୁବନେଶ୍ୱର

## ଶିଶୁଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

# ପ୍ରଥମଥର ପାଇଁ ପ୍ରତିଷ୍ଠା ହେଲା ତିନୋଟି ଆଶ୍ରୟସ୍ଥଳ




ଭୁବନେଶ୍ୱର (ସବ୍ୟୁ) : ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ଲାଗି ରାଜ୍ୟରେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂ ଜିଲ୍ଲାର ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ ହେବ । ସ୍ୱେଚ୍ଛାସେବୀ ସଙ୍ଗଠନ ପିକକ୍, ସେଭ୍ ଦି ଚିଲ୍ଡ୍ରେନ୍, ସିଏସ୍ଓ ପାଟନର, ଆଇସିଆଇସିଆଇ ଫାଉଣ୍ଡେସନ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି । ପିକକ୍‌ର ଅଧକ୍ଷ୍ୟ ପ୍ରଫେସର ଆଦରମଣି ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପିକକ୍ କାର୍ଯ୍ୟକାରୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି, ସମ୍ପାଦକ ରଞ୍ଜନ ମହାନ୍ତି, ୟୁନିସେଫ୍‌ର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ୍ ଦି ଚିଲଡ୍ରେନର ଶଶାଙ୍କ ପାଢୀ ଓ ଶାନ୍ତାରାମ ନନ୍ଦ, ବିବିସିର ରାଜ୍ୟ ପ୍ରତିନିଧି ସନ୍ଦୀପ ସାହୁ ଓ ବିଭିନ୍ନ

କରିଥିଲେ । ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଶ୍ରୀମତୀ ମହାନ୍ତି କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁମାନେ ଅଧିକ ଅସୁରକ୍ଷିତ ହୋଇପଡନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏହିଭଳି ସ୍ୱତନ୍ତ୍ର ଆଶ୍ରୟସ୍ଥଳର ଆବଶ୍ୟକତା ରହିଛି । ସେଭ୍ ଦି ଚିଲ୍ଡ୍ରେନର ଶ୍ରୀ ପାଢୀ କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ।

ଓଡ଼ିଶା ଭାସ୍କର

୨,ଗୁରୁବାର, ଫେବ୍ରୁଆରୀ ୨୪, ୨୦୧୧

# ପ୍ରତିଷ୍ଠା ହେଲା ତିନୋଟି ଶିଶୁ ଆଶ୍ରୟସ୍ଥଳ




ଭୁବନେଶ୍ୱର, (ଆ.ପ୍ର) : ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ଲାଗି ରାଜ୍ୟରେ ପ୍ରଥମ ଥର, ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂଳ ଜିଲ୍ଲାର ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ କରାଯାଇଛି । ସ୍ୱେଚ୍ଛାସେବୀ ସଂଗଠନ ପିକକ୍, ସେଭ ଦି ଚିଲ୍ଡ୍ରେନ୍, ସିଏସ୍ ଓ ପାଟନର, ଆଇସିଆଇସିଆଇ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସଂପର୍କିତ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି । ପିକକ୍‌ର ଅଧ୍ୟକ୍ଷ ପ୍ରଫେସର ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁରାଧା ମହାନ୍ତି, ପିକକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା, ରଞ୍ଜନ ମହାନ୍ତି, ସଂପାଦକ ପିକକ୍ ୟୁନିସେଫର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ ଦି ଚିଲ୍ଡ୍ରେନର ଶଶାଙ୍କ ପାଢୀ ଓ ଶାନ୍ତାରାମ ନନ୍ଦ, ବିବିସିର ରାଜ୍ୟ ପ୍ରତିନିଧି ସନ୍ଦୀପ ସାହୁ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁମାନେ ଅଧିକ ଅସୁରକ୍ଷିତ ହୋଇପଡନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା ଦେବାପାଇଁ ଏହିଭଳି ସ୍ୱତନ୍ତ୍ର ଆଶ୍ରୟସ୍ଥଳର ଆବଶ୍ୟକତା ରହିଛି । ପିକକ୍‌ର ସଂପାଦକ ରଞ୍ଜନ ମହାନ୍ତି କହିଲେ ଯେ, ଯେକୌଣସି ବିପର୍ଯ୍ୟୟ ବା ଆପଦକାଳୀନ ପରିସ୍ଥିତିରେ ପିଲାମାନଙ୍କୁ ଯତ୍ନ ଓ ସୁବିଧା ଯୋଗାଇ ଦେବା ପାଇଁ ପରିବାର ସ୍ତରରେ ଉଦ୍ୟମ ସହ ଆବଶ୍ୟକୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି । ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ମଧ୍ୟ ପରିବର୍ତ୍ତନ ଆବଶ୍ୟକ । ଏଥିପାଇଁ ଗଣମାଧ୍ୟମ, ସରକାରୀ କଳ ଓ ସାମାଜିକ କର୍ମକର୍ତ୍ତାମାନେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ । ସେଭ୍ ଦି ଚିଲ୍ଡ୍ରେନର ଶ୍ରୀ ପାଢୀ କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ହେଲେ, ଆମ ରାଜ୍ୟରେ ୨ଟି ଜିଲ୍ଲାରେ ଏହା ହାତକୁ ନିଆଯାଇଛି । ୟୁନିସେଫର ଶ୍ରୀ ନନ୍ଦ କହିଲେ ଯେ, ଜରୁରୀ ପରିସ୍ଥିତିରେ ଶିଶୁମାନେ ସାଧାରଣତଃ ଶ୍ରମିକ ପାଲଟିବା ସଙ୍ଗେ ସଙ୍ଗେ ଯୌନ ଶୋଷଣ ଓ ହିଂସାର ଶିକାର ହୋଇଥାନ୍ତି । ଏହି ସମୟରେ ଦଲାଲମାନେ ଝିଅମାନଙ୍କୁ ଚାଲାଣ ମଧ୍ୟ କରିଥାନ୍ତି । ତେଣୁ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ସୁରକ୍ଷା ଅତ୍ୟନ୍ତ ଜରୁରୀ । ବିବିସିର ରାଜ୍ୟ ପ୍ରତିନିଧି ଶ୍ରୀ ସାହୁ ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କ ଦୟନୀୟ ସ୍ଥିତି ଓ ସେମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଶ୍ରୀମତୀ ଆଦରମଣି ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।